# Akashvani, Sambalpur

## SAMBALPURI NEWS EVENING BULLETIN

**7 June 2025- 7.02 pm- 7.12 pm.**

********************************************

୧- ସୁବର୍ଣ୍ଣପୁର୍ ଆଉ କନ୍ଧମାଲ୍ ଜିଲ୍ଲା ନ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ପ୍ରକଳ୍ପ ମାନ୍‌କର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କଲେ ମୁଖ୍ୟମନ୍ତ୍ରୀ ।

- ସୁବର୍ଣ୍ଣପୁର୍ ଜିଲ୍ଲା ନ ୫୬ ଟା ପ୍ରକଳ୍ପର୍ କଲେ ଉଦ୍‌ଘାଟନ୍ ।

୨- ପରିବେଶ୍‌କେ ସୁରକ୍ଷିତ୍ ରଖିବାର୍ ଆଉ ସମାବେଶୀ ବିକାଶ୍ ହାସଲ୍ ଲାଗି କେନ୍ଦ୍ର ସର୍‌କାର୍ ଗଲା ୧୧ ବଛର୍ ଧରିକରି ଜାରି ରଖିଛନ୍ ଚେରେଷ୍ଟା ।

୩- ତ୍ୟାଗ ଆଉ କଲ୍ୟାଣ୍‌ର ବାର୍ତା ନେଇକରି ମୁସଲ୍‌ମାନ୍ ଧର୍ମାବଲମ୍ବୀ ମାନେ ଆଏଜ୍ ପାଲନ୍ କରୁଛନ୍ ଇଦ୍-ଉଲ୍-ଜୁହା ।

ଆଉର୍

୪- ବୈଜ୍ଞାନିକ୍ ପଦ୍ଧତିଥି ଖାଦ୍ୟ ନିରାପତାକେ ବର୍‌କସ୍ କରବାର୍ ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଖାଦ୍ୟ ନିରାପତା ଦିବସ୍ ।

ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର୍, କନ୍ଧମାଲ୍ ଗସ୍ତ   ସୁବର୍ଣ୍ଣପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପହେଲାଥର୍ ଲାଗି ସୁବର୍ଣ୍ଣପୁର୍ ଗସ୍ତଥି ଆସିକରି ୫୬ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଜନକଲ୍ୟାଣ୍‌କାରୀ ପ୍ରକଳ୍ପର୍ ଶିଳାନ୍ୟାସ୍ କରିଛନ୍ । ଅର୍ଜୁନ୍‌ପୁର ସଂରକ୍ଷିତ୍ ଜଙ୍ଗଲ୍ ନ ଗୁଟେ ନଗର ବନ ଉଦ୍ୟାନ୍‌କେ ଉଦ୍‌ଘାଟନ୍ କରିଥିବାର୍ ବେଲେ ପାଖାପାଖି ୩ ଶହ ୨୩ କୋଟି ଟଙ୍କା ଖର୍ଚ୍ଚାଥି ଜିଲ୍ଲାର୍ ଉନ୍ନୟନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କରିଛନ୍ । ସୁବର୍ଣ୍ଣପୁର୍ ଜିଲ୍ଲା ରାମେଶ୍ୱର୍ ଷ୍ଟାଡ଼ିୟମ୍ ନ ହେଇଥିବା ଗୁଟେ ସାଧାରଣ୍ ସଭାଥି ମୁଖ୍ୟମନ୍ତ୍ରୀ ସାଧାରଣ୍ ଲୁକ୍‌କୁ ଉଦ୍‌ବୋଧନ୍ ଦେଇଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ପ୍ରଧାନ୍‌ମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାର୍ କାର୍ଯ୍ୟାଦେଶ୍ ବାଂଟ୍‌ବାର୍ ସହେତେ ଲକ୍ଷପତି ଦିଦି ମାନ୍‌କୁ ସମ୍ବର୍ଦ୍ଧିତ୍ କରିଛନ୍ ।

ସେଆଡ଼େ ଆଏଜ୍ ସଖାଲ୍‌ବେଲା ମୁଖ୍ୟମନ୍ତ୍ରୀ କନ୍ଧମାଲ୍ ଜିଲ୍ଲାର୍ ବିକାଶ୍ ଲାଗି ୭ ଶହ ୫୦ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ୧୦ ଟା ଉନ୍ନୟନ୍‌ମୂଳକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ଫୁଲ୍‌ବାଣୀ ଠାନେ ଶହେ ଆସନ୍‌ର ନୂଆଁ ସର୍‌କାରୀ

ଭେଷଜ ବିଦ୍ୟାଳୟ ଆଉ ଶହେ ୫୦ ଶଯ୍ୟାର୍ ଡାକ୍ତର୍‌ଖାନାର୍ ଲୋକାର୍ପଣ୍ କରିଛନ୍ ।

ପରିବେଶ୍ ସୁରକ୍ଷା- ୧୧ ବଛର୍‌ପୂର୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ସେବା, ସୁଶାସନ୍ ଆଉ ଗରିବ୍ କଲ୍ୟାଣ୍ ନୀତିକେ ଆଧାର୍ କରିକରି ଗଲା ଗୁଟେ ଦଶନ୍ଧି ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶ୍ ଉଲ୍ଲେଖନୀୟ ସଫଳତା ହାସଲ୍ କରିଛେ । ଗଲା ୧୧ ବଛର୍ ଭିତ୍‌ରେ ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ନ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ବହୁତ୍‌ଟେ ପଦକ୍ଷେପ୍ ନିଆଯାଇଛେ । ସର୍‌କାର୍‌ଙ୍କର୍ ତର୍‌ଫୁ 'ପରିବେଶ୍ ସଂରକ୍ଷଣ୍ ଆଉ ବିକାଶ୍' କ୍ଷେତ୍ର ନ ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ ଶୁନୁନ୍ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

ଗଲା ଗୁଟେ ଦଶନ୍ଧି ଧରିକରି ପରିବେଶ୍ ସୁରକ୍ଷା ସହେତେ ସମାବେଶୀ ବିକାଶ୍ ହାସଲ୍ କର୍‌ବାର୍ ଲାଗି ଭାରତ୍ ବିକାଶ୍‌ର ରୂପରେଖ ତିଆର୍ କରିଛେ । ପରିବେଶ୍‌କେ ସନ୍ତୁଳିତ୍ କର୍‌ବାର୍ ଲାଗି ନଦୀମାନ୍‌କୁ ପୁର୍ନଜୀବିତ୍ କର୍‌ବାର୍ ସହେତେ ଶାଗୁଆ ଭିତିଭୂମି ଥାପ୍‌ନା କରିକରି

ଦେଶ୍ ପରିବେଶ୍ ସୁରକ୍ଷାକେ ନେଇକରି କଡ଼ା ପ୍ରତିବଦ୍ଧତା ଦେଖେଇଛେ । ପୁରଥିର୍ ସବୁନୁ ବଡ଼ ମିଶନ୍ ନମାମି ଗଙ୍ଗା ଯୋଜ୍ନାକେ କାର୍ଯ୍ୟକାରୀ କରାଯାଉଛେ । ଇ ଯୋଜ୍ନାଥି ସ୍ଥାନୀୟ ଲୁକ୍କର୍ ସହଯୋଗ୍ଥି ଜୈବ ବିବିଧତାକେ ସୁରକ୍ଷା ଦିଆଯାଇକରି ପାଏନ୍ର ମାନକେ ଉନ୍ନତ କରାଯାଇଛେ । ଗ୍ରାମାଂଚଲ୍ ନ ସ୍ୱଚ୍ଛ ଭାରତ୍ ମିଶନ୍ ଆଉ ଗୋବର୍ଦ୍ଧନ୍ ଯୋଜ୍ନା ଜରିଏ ପରିମଳ ଆଉ ବର୍ଜ୍ୟବସ୍ତୁ ପରିଚାଳନା ଦିଗେ ବହୁତ୍ ସଂସ୍କାର୍ ଅନାଯାଇପାରିଛେ । ଗୋବର୍ଦ୍ଧନ୍ ଯୋଜ୍ନାଥି ଜୈବ ବର୍ଜ୍ୟକେ ବାୟୋ ଗେସ୍ ଆଉ ଖତ୍ କରାଯାଇକରି ସ୍ୱଚ୍ଛତା ଆଉ ଶକ୍ତି କ୍ଷେତ୍ରଥି ଭାରତ୍ ଆତ୍ମନିର୍ଭରଶୀଳ ହେଇପାରିଛେ । ପରିବେଶ୍ ସୁରକ୍ଷା ଲାଗି ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍ଥି ସାରା ଦେଶେ ରେକର୍ଡ଼ ସଂଖ୍ୟକ୍ ଶହେ ୪୨ କୋଟିନୁ ଅଏତ୍କା ଗଛ୍ ଲଗାଯାଇଛେ । ଇଟା ବାୟୁମଣ୍ଡଲ୍ଥି ଅଙ୍ଗାର୍କାମ୍ଳ ସ୍ତର୍କେ କାମାବାର୍ ସହେତେ ପରିବେଶ୍କେ ସନ୍ତୁଳିତ୍ କର୍ବାର୍ଥି ସାହାଜ୍ କରୁଛେ । ବନ୍ୟପ୍ରାଣୀ ସଂରକ୍ଷଣ୍ କ୍ଷେତ୍ରଥି ଭାରତ୍ ଦୃଷ୍ଟାନ୍ତମୂଳକ୍ ସଫଳତା ପାଇଛେ । ପ୍ରୋଜେକ୍ଟ ଚିତା, ପ୍ରୋଜେକ୍ଟ ଲାୟନ୍ ଆଉ ବାଘ୍ ଆଶ୍ରୟସ୍ଥଳୀକେ ବିକଶିତ୍ କର୍ବାର୍ କାମ୍ ହାତକେ ନିଆଯାଇଛେ । ଇହାଦେ ଦେଶେ ୩ ହଜାର୍ ୬ ଶହ ୮୨ ଟା ବାଘ୍ ଅଛନ୍ । ଯେନ୍ଟା

ପୁର୍‌ଥିର୍ ବାଘ୍ ମାନ୍‌କର୍ ସଂଖ୍ୟାର୍ ୭୫ ପ୍ରତିଶତ୍ ଆଏ । ଏସିଆ ମହାଦେଶ୍‌ର ସର୍ବାଧିକ୍ ୯୧ ଟା ଆର୍ଦ୍ରଭୂମି ଭାରତ୍ ନ ରହିଛେ । ଦେଶ୍‌କେ ସବୁଜ କ୍ଷେତ୍ର ଭାବେ ପରିବର୍ତ୍ତିତ୍ କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ନୀତିଗତ ଅଭିଯାନ୍ ନୁହେଁସେ ଇଟା ସାଧାରଣ୍ ଲୁକ୍‌କର୍ ଅଭିଯାନ୍ । ପୁର୍‌ଥି ଲାଗି ଦାୟିତ୍ୱବୋଧ ଆଉ ଆଏବା ପିଢ଼ିର୍ ଲାଗି ପ୍ରତିଶ୍ରୁତି ଆଏ । ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ମୁଇଁ ସୁପ୍ରିତି ମିଶ୍ର ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଓଡ଼ିଶା ଗସ୍ତ        ହି.ସ.

ରାଜ୍ୟ ସର୍‌କାର୍‌ଙ୍କର୍ ପହେଲା ବଛର୍ ପୂର୍ତ୍ତି ଅବସରେ ହେବାର୍‌କେ ଥିବା ସମାରୋହଥି ଯୋଗ୍ ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୦ ତାରିଖ୍ ଓଡ଼ିଶା ଆସ୍‌ବେ ବଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ଆଘୋନୁ ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟକ୍ରମ୍ ୧୨ ତାରିଖ୍ ହେବାର୍ ଲାଗି ଥିର୍ ହେଇଥିଲା ।

(ଭଏସ୍ ଓଭର୍ - ରାଜସ୍ୱ ମନ୍ତ୍ରୀ)

ଅଭିଯୋଗ୍ ଶୁଣାଣି ବନ୍ଦ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ଆଏବା ୯ ତାରିଖ୍ ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆତ୍ମନିଯୁକ୍ତି ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ରୋଜ୍‌ଗାର୍ ସୃଜନ କାର୍ଯ୍ୟକ୍ରମ୍- ଗ୍ରାମୀଣ୍ ଆଉ ସହରାଂଚଲ୍ ନ ଉଦ୍ୟୋଗିତା ଆଉ ଆତ୍ମନିର୍ଭରଶୀଳତା କ୍ଷେତ୍ରଥି ଗୁଟେ ଉଦାହରଣ୍ ହେଇଛେ । ଯେନ୍‌ଟା ଦେଶେ ସବୁନୁ ପ୍ରଭାବ୍‌ଶାଲୀ ଆତ୍ମନିଯୁକ୍ତି ଯୋଜ୍‌ନା ବାବ୍‌ଦେ ଉଭ୍‌ରିଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସୂକ୍ଷ୍ମ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍ ମନ୍ତ୍ରଣାଳୟର୍ ଖଦୀ ଆଉ ଗ୍ରାମୋଦ୍ୟୋଗ୍ ଆୟୋଗ୍ କେ.ଭି.ଆଇ.ସି. ତର୍‌ଫୁ ଇ ଯୋଜ୍‌ନା ଅଧୀନ୍‌ଥି ୭ ଶହ ୪୯ ହିତାଧିକାରୀଙ୍କୁ ୩ ଶହ କୋଟି ଟଙ୍କାର୍ ସାହାଜ୍ ବଂଟାଯାଇଛେ । ଇ ସାହାଜ୍ ରାଶି ପାଖାପାଖି ୮ ଶହ ୮୪ କୋଟି ଟଙ୍କାର୍ ଋଣ ମଞ୍ଜୁରୀ ବଦ୍‌ଲେ ଦିଆଯାଇଛେ ।

ପି.ଏମ୍. ଆବାସ- ମାହାଲିଆ ବାଏଲ୍   ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି ଘର୍ ତିଆରି ଲାଗି ମାହାଲିଆ ୨ ଟ୍ରାକ୍ଟର୍ ବାଏଲ୍ ଯୁଗେଇ ଦେବାର୍‌କେ ସର୍‌କାର୍ ଯୋଜ୍‌ନା ପ୍ରସ୍ତୁତ୍ କରୁଛନ୍ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଗଣମାଧମ୍ ପ୍ରତିନିଧିମାନ୍‌କୁ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଆର୍ଥିକ୍ ଦୁର୍ବଲ୍ ଶ୍ରେଣୀର୍ ଲୁକ୍‌କୁ ମାହାଲିଆ ବାଏଲ୍ ଦିଆଗଲେ ସେମାନେ ସହଜେ ଘର୍ ଖଁଡ଼େ ତିଆର୍ କରିପାର୍‌ବେ । ଇଥିର୍‌ଲାଗି ସେମାନ୍‌କୁ ପର୍‌ମିଟ୍ ଦିଆଯିବା । ସେଆଡ଼େ ବାଏଲ୍ ଚୁରି ରୁକ୍‌ବାର୍ ଲାଗି ନୂଆଁ ମାର୍ଗଦର୍ଶିକା ଖୋବ୍ ଜଲ୍‌ଦି ଆସ୍‌ବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଇଦ୍-ଉଲ୍-ଜୁହା          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁସଲ୍‌ମାନ୍ ସମ୍ପ୍ରଦାୟର୍ ଧାର୍ମିକ୍ ପରବ୍ ଇଦ୍-ଉଲ୍-ଜୁହା ଆଏଜ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଭିନ୍ ଭିନ୍ ଇଦ୍‌ଗାହ ଆଉ ମସ୍‌ଜିଦ୍ ମାନ୍‌କେ ସମୂହ ନମାଜ୍ ପାଠ୍‌ର ଆୟୋଜନ୍

କରାଯାଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍-ଉଲ୍-ଜୁହା ଅବ୍ସରେ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଷ୍ଟ୍ରପତି ଇ ପରବ୍କେ ବଳିଦାନ୍, ବିଶ୍ୱାସ୍ ଆଉ ମାନବିକ୍ ମୂଲ୍ୟବୋଧ୍ର ପ୍ରତିଫଳନ୍ ବଲି କହିଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଅବ୍ସରେ ଶୁଭେଚ୍ଛା ଜନେଇକରି ସମାଜ୍ ନ ଶାନ୍ତି ଆଉ ସଂହତିକେ ବର୍କସ୍ କର୍ବାର୍ ଦିଗେ ଇ ତିହାର୍ ପ୍ରୋତ୍ସାହିତ୍ କରସି ବଲି କହିଛନ୍ । ଇଦ୍-ଉଲ୍-ଜୁହା ଅବ୍ସରେ ରାଜ୍ୟର୍ ସବୁ ମୁସଲ୍ମାନ୍ ଭାଏବହେନ୍ ମାନ୍କୁ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍ସରେ ମୁସଲ୍ମାନ୍ ଭାଏବହେନ୍ମାନ୍କର୍ ସୁଖ୍ ଆର୍ ସମୃଦ୍ଧି କାମନା କରିଛନ୍ ।

ସ୍ନାନଯାତ୍ରା-ମକ୍ଡ୍ରିଲ୍ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଆଏବା ୧୦ ତାରିଖ୍ ହେବାର୍କେ ଥିବା ସ୍ନାନଯାତ୍ରାକେ ଶୃଙ୍ଖଳିତ୍ ଭାବେ କର୍ବାର୍ ଲାଗି ଆଉ ଭିନ୍ ଭିନ୍ ବିଭାଗ୍ ଭିତ୍ରେ ସମନ୍ୱୟ ରଖ୍ବାର୍ ଲାଗି ଆଏଜ୍ ପୁରୀ ଟାଉନ୍ ଥାନା ପରିସର୍ ନ ଗୁଟେ ମକ୍ଡ୍ରିଲ୍ ହେଇଯାଇଛେ । ମୁଣ୍ଡଳୀ ଏନ୍ଡିଆର୍ଏଫ୍ ୩ ନମ୍ବର୍

ବାଟାଲିୟନ୍‌ର କାର୍ଯ୍ୟକର୍ତା, ଓଡ୍ରାଫ୍, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟବିଭାଗ୍ ଆଉ ଭିନ୍ ଭିନ୍ ସ୍ୱେଚ୍ଛାସେବୀ ସଂଗଠନ୍‌ର କର୍ମକର୍ତାମାନେ ଇ ମକ୍‌ଡ୍ରିଲ୍‌ଥି ସାମିଲ୍ ହେଇଥିଲେ । ସ୍ନାନଯାତ୍ରା ସମିଆଥି କେନ୍‌ସି ପ୍ରକାରର୍ ଅଘଟନ୍ ହେଲେ ତାର୍ ତୁର୍‌ତି ମୁକାବିଲା କେନ୍ତାକରି କରାଯାଇପାର୍‌ବା ସେ ବାବ୍‌ଦେ ଭିନ୍ ଭିନ୍ କୌଶଲ୍ କରାଯାଇକରି ସଚେତନ୍ କରାଯାଇଛେ ।

ରଥଯାତ୍ରା ପୁରୀ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଲାଗି ତୟାରି ଜୋର୍‌ସୋର୍‌ଥି ଚାଲିଛେ । ଆଏଜ୍ ତିନ୍‌ହି ରଥର୍ ଚାରି ନାହାକା ଉଠିଥିବାର୍ ବେଲେ ଦେବସ୍ନାନ ପୂର୍ଣ୍ଣିମା ଆଘୋନୁ ଇ କାମ୍ ଶେଷ୍ ହେବା ବଲି ଭୋଇ ସେବକ୍‌ମାନେ କହିଛନ୍ । ସେଆଡ଼େ ରଥଯାତ୍ରା ସର୍‌ବାର୍ ଉତ୍‌ରୁ ରଥ ସାମାନ୍ ବିକ୍ରି ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ନୂଆଁ ମାର୍ଗଦର୍ଶିକା ଜାରି କରାଯାଇଛେ । ଇତାର୍‌ସହେତେ ନୂଆଁ ଦର୍ ଭିଲ୍ ନିର୍ଦ୍ଧାରଣ୍ କରାଯାଇଛେ । ସେପ୍ଟେମ୍ବର୍ ମାସ ୧୫ ତାରିଖ୍‌ତକ୍ ଆବେଦନ୍ କର୍‌ବାର୍ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ରାଜ୍ୟ ସର୍କାର ବର୍ଷପୂର୍ତି-ପ୍ରସ୍ତୁତି ବୈଠକ୍     ଦେବ୍ଗଡ୍

ରାଜ୍ୟ ସର୍କାର୍ଙ୍କର୍ ୧ ବଛର୍ ପୂର୍ତି ଅବ୍ସରେ ହେବାର୍କେ ଥିବା କାର୍ଯ୍ୟକ୍ରମ୍ ଲାଗି ଦେବ୍ଗଡ୍ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ୨ ନମ୍ବର୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ସର୍କାର୍ଙ୍କର୍ ତର୍ଫୁ କରାଯାଇଥିବା ଭିନ୍ ଭିନ୍ ଜନକଲ୍ୟାଣ୍କାରୀ ଯୋଜ୍ନା ମାନ୍କୁ ଲୁକ୍କର୍ ପାଖେ ପୁହୁଁଚାବାର୍ ଉଦ୍ଦେଶ୍ଥି ଜୁନ୍ ୧୨ ନୁ ୧୮ ତାରିଖ୍ତକ୍ ପ୍ରଧାନ୍ପାଟ୍ ବଡ଼ବଗିଚା ଠାନେ ସାଧାରଣ୍ ସଭା, ବିକାଶ୍ମେଳା, ଆଲୋଚନାଚକ୍ର, ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷିତ୍ ହେବା ବଲି ବୈଠକ୍ଥି ଆଲୋଚନା ହେଇଥିଲା ।

ବିଶ୍ୱ ଖାଦ୍ୟ ନିରାପତା ଦିବସ୍     ଆର୍ଏନ୍ୟୁ/ କଟକ୍

ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ୍, ଯୋଗାଣ ଆଉ ସେବନ ପଦ୍ଧତି ଜରିଏ ପୋଷଣ୍ ଆଉ ଉତମ୍ ସ୍ୱାସ୍ଥ୍ୟକେ ସୁନିର୍ଶ୍ଚିତ୍ କର୍ବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଖାଦ୍ୟ ନିରାପତା ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍ର ବାର୍ତା ହେଉଛେ,

ବୈଜ୍ଞାନିକ୍ ପଦ୍ଧତିଥି ଖାଦ୍ୟ ନରାପତାକେ ବର୍କସ୍ କର୍ବାର୍ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଅନ୍ସାରେ ଖାନାପିନା ନୁ ହେଉଥିବା ରୋଗ୍ ଲାଗି ଫି’ ବଛର୍ ୪ ଲାଖ୍ ୨୦ ହଜାର୍ନୁ ଅଏତ୍କା ଲୁକ୍କର୍ ଜୀବନ୍ ଯାଏସି । ଖାଦ୍ୟ ମାନକକେ ବଜାୟ ରଖିବାର୍ ଉପ୍ରେ ଗୁରୁତ୍ୱ ଦେଇକରି ଭିନ୍ ଭିନ୍ ସଂଗଠନ୍ ତର୍ଫୁ ଲୋକ୍ମାନ୍କର୍ ଭିତ୍ରେ ସଚେତନତା ସୃଷ୍ଟି କରାଯାଉଛେ । ହେଥିର୍ଲାଗି ଅପମିଶ୍ରିତ ଖାଏବାର୍ ଦରବ୍ନୁ ଦୂରେଇ ରହେବାର୍ ଆଉ ଇଥିର୍ଲାଗି ସଚେତନତା ସୃଷ୍ଟି କର୍ବାର୍ ଲାଗି ଆଏଜ୍ ଭିନ୍ ଭିନ୍ ଜାଗା ନ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ୍ଥି କର୍ମଶାଳା ଆଉ କାର୍ଯ୍ୟକ୍ରମ୍ମାନ୍ ଆୟୋଜନ୍ କରାଯାଇଛେ ।

## ପାରମ୍ପରିକ୍ ଖାଦ୍ୟ ପ୍ରତିଯୋଗିତା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ବ୍ଲକ୍ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ୍ ଖାଦ୍ୟ ପ୍ରତିଯୋଗିତା ହେଇଯାଇଛେ । ମିଶନ୍ ଶକ୍ତି ବିଭାଗ୍ ତର୍ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍ଥି ଭିନ୍ ଭିନ୍ ଗ୍ରାମ୍ ପଂଚାୟତ୍ନୁ ସ୍ୱୟଂ ସହାୟକ ଗୋଷ୍ଠୀର୍ ସଦସ୍ୟମାନେ ପାରମ୍ପାରିକ୍ ରୀତିଥି ପିଠାପନା ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

ସି.ଏମ୍. ଟ୍ରଫି ଫାଇନାଲ ଆର୍ଏନ୍ୟୁ/ ସମ୍ବଲପୁର

୧୫ ବଛର୍‌ନୁ କମ୍ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍ ସି.ଏମ୍. ଟ୍ରଫିର ଫାଇନାଲ୍ ମେଚ୍ ଆଏବା କାଏଲ୍ ରାଉର୍‌କେଲା ବିର୍ସାମୁଣ୍ଡା ଏଥ୍‌ଲେଟିକ୍ସ ଷ୍ଟାଡ଼ିୟମ୍ ନ ଖେଲାଯିବା । ଭୁବ୍‌ନେଶ୍ୱର୍ ଆଉ ବର୍‌ଗଡ଼୍ ଦଲ୍ ଭିତ୍‌ରେ ଇ ଫାଇନାଲ୍ ମେଚ୍ ଖେଲାଯିବା । ସି.ଏମ୍. ଟ୍ରଫି ଗଲା ଜାନୁଆରୀ ୧୬ ତାରିଖ୍‌ନୁ ମୁଲ୍ ହେଇକରି ୨ ଟା ଖେପେ ଖେଲାଯାଇଥିଲା । ଆନ୍ତଃକ୍ଲବ୍ ନୁ ଆନ୍ତଃଜିଲ୍ଲା ତକ୍ ଟୁର୍ଣ୍ଣାମେଂଟ୍‌ଥି ମୋଟ୍ ୫ ଶହ ଟା ମେଚ୍ ଖେଲାଯାଇଥିଲା ।